**ଚୀନ୍ ଦ୍ୱାରା ସ୍ଥାନଗୁଡ଼ିକୁ କାଳ୍ପନିକ ନାମ ଦେବା ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା**

ଏପ୍ରିଲ 12, 2026

ଚୀନ୍ ଦ୍ୱାରା ସ୍ଥାନଗୁଡ଼ିକୁ କାଳ୍ପନିକ ନାମ ଦେବା ସମ୍ବନ୍ଧରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ରଣଧୀର ଜୟସୱାଲ କହିଛନ୍ତି ଯେ:

ଭାରତ ଭୂଖଣ୍ଡର ଅଂଶ ହୋଇଥିବା ସ୍ଥାନଗୁଡ଼ିକୁ କାଳ୍ପନିକ ନାମ ଦେବା ପାଇଁ ଚୀନ୍ ପକ୍ଷରୁ କରାଯାଇଥିବା କୌଣସି ବିଭ୍ରାନ୍ତିକର ପ୍ରୟାସକୁ ଭାରତ ଦୃଢ଼ ଭାବରେ ଖଣ୍ଡନ କରୁଛି।

ମିଥ୍ୟା ଦାବି ଉପସ୍ଥାପନ କରିବା ଏବଂ ଭିତ୍ତିହୀନ କାହାଣୀ ପ୍ରସ୍ତୁତ କରିବା ପାଇଁ ଚୀନ୍‌ର ଏଭଳି ପ୍ରୟାସ ଏହି ଅକାଟ୍ୟ ବାସ୍ତବତାକୁ ପରିବର୍ତ୍ତନ କରିପାରିବ ନାହିଁ ଯେ ଅରୁଣାଚଳ ପ୍ରଦେଶ ସହିତ ଏହି ସମସ୍ତ ସ୍ଥାନ ଏବଂ ଅଞ୍ଚଳଗୁଡ଼ିକ ଭାରତର ଏକ ଅବିଚ୍ଛେଦ୍ୟ ଓ ଅବିଭାଜ୍ୟ ଅଂଶ ଥିଲା, ଅଛି ଏବଂ ସର୍ବଦା ରହିବ।

ଚୀନ୍ ପକ୍ଷରୁ ଏହି କାର୍ଯ୍ୟଗୁଡ଼ିକ ଭାରତ-ଚୀନ୍ ଦ୍ୱିପାକ୍ଷିକ ସମ୍ବନ୍ଧକୁ ସ୍ଥିର ଏବଂ ସ୍ୱାଭାବିକ କରିବା ପାଇଁ ଚାଲିଥିବା ପ୍ରୟାସକୁ କ୍ଷୁର୍ଣ୍ଣ କରୁଛି। ସମ୍ବନ୍ଧରେ ନକରାତ୍ମକତା ସୃଷ୍ଟି କରୁଥିବା ଏବଂ ଉତ୍ତମ ବୁଝାମଣା ସୃଷ୍ଟି କରିବା ପ୍ରୟାସକୁ କ୍ଷୁର୍ଣ୍ଣ କରୁଥିବା କାର୍ଯ୍ୟରୁ ଚୀନ୍ ବିରତ ରହିବା ଉଚିତ।

ନୂଆଦିଲ୍ଲୀ

ଏପ୍ରିଲ 12, 2026